**NEW LINK TO MEDIA # 7A**

**WPC PIL 13004/2022 FILED IN HON'BLE HIGH COURT OF ORISSA IN THE MATTER OF FINANCIAL IRREGULARITIES IN RATION CARD UNDER NFSA AND SFSS**

**PRAMEYA BHUBANESWAR 20 05 2022 PAGE 7**

# ରାସନ୍ କାର୍ଡରେ ଜାଲିଆତି: ତଦନ୍ତ ପାଇଁ ହାଇକୋର୍ଟରେ ମାମଲା

କଟକ,୧୯।୫(ବ୍ୟୁରୋ): ଯେଉଁମାନେ ପ୍ରକୃତ ହିତାଧିକାରୀ ସେମାନଙ୍କ ପାଖରେ ରାସନ୍ କାର୍ଡ ନାହିଁ। କିନ୍ତୁ ଅଯୋଗ୍ୟ ହିତାଧିକାରୀଙ୍କୁ ମିଳୁଛି ରାସନ୍ କାର୍ଡର ଫାଇଦା। ଫଳରେ ସରକାରୀ ଅର୍ଥ ଅଯଥାରେ ଅପବ୍ୟୟ ହେଉଛି। ରାସନ୍ କାର୍ଡରେ ଚାଲିଥିବା ଏଭଳି ଅନିୟମିତତା ଘଟଣାର ସିବିଆଇ କିମ୍ବା ଅନ୍ୟ କୌଣସି ସଂସ୍ଥା ଦ୍ୱାରା ତଦନ୍ତ ଲାଗି ପ୍ରାର୍ଥନା କରି ସମାଜସେବୀ ଜୟନ୍ତୀ ଦାସ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି।

ଆବେଦନକାରିଣୀ ତାଙ୍କ ପିଟିସନ୍‌ରେ ଉଲ୍ଲେଖ କରିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା କରାଯାଇଛି। ଏହି ଯୋଜନାରେ ଯେଉଁ ହିତାଧିକାରୀଙ୍କୁ ସାମିଲ୍ କରାଯାଉଛି ସେହି ପ୍ରକ୍ରିୟା ଠିକ୍ ରହୁନାହିଁ। ତେଣୁ ପ୍ରକୃତ ହିତାଧିକାରୀଙ୍କୁ ଏହି ପ୍ରକ୍ରିୟାରେ ସାମିଲ୍ କରିବା ଲାଗି ମାନଦଣ୍ଡରେ ସଂଶୋଧନ ପାଇଁ ଆବେଦନକାରିଣୀ ଉଲ୍ଲେଖ କରିଛନ୍ତି। ଏଥିପାଇଁ ଆବେଦନକାରିଣୀଙ୍କ ପକ୍ଷରୁ କେତେକ ପ୍ରସ୍ତାବ ମଧ୍ୟ ଦିଆଯାଇଛି। ରାସନ୍ କାର୍ଡ଼ ବଣ୍ଟନରେ ହେଉଥିବା ଅନିୟମିତତା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ, ଇନ୍‌କମ୍ ସାର୍ଟିଫିକେଟ୍ ପ୍ରଦାନ ବେଳେ ରାସନ୍ କାର୍ଡ ହିତାଧିକାରୀଙ୍କ ସମସ୍ତ ତଥ୍ୟ ପ୍ରଦାନ, ପ୍ରତ୍ୟେକ ମାସରେ ସାଧାରଣ ବଣ୍ଟନ ବ୍ୟବସ୍ଥା ପାଇଁ ଥିବା ୱେବ୍‌ସାଇଟ୍‌ରେ ରାସନ୍ କାର୍ଡ଼ ହିତାଧିକାରୀଙ୍କ ସଂଖ୍ୟାର ଅପଡେଟ୍, ପ୍ରତ୍ୟେକ ହିତାଧିକାରୀଙ୍କ ଘର ସାମ୍ନା କବାଟରେ ଏକ ଲୋଗୋ ଲଗାଇବା ପାଇଁ ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି।